**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.ଅ.- ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭(ଓଡ଼ିଶା)
ଫୋନ୍-୦୬୭୩୩-୨୨୩୦୦୧

**MAA TARINI THAKURANI TEMPLE TRUST**
AT/P.O.- GHATGAON, DIST- KEONJHAR-758027(ODISHA
PHONE-06733-223001

website- www.maatarini.co.in E-mail Id- maatarini.ghatgaon@gmail.com

ଚିଠି ନଂ. Letter No.: 407 ତାରିଖ Date: 07.12.2021

# ଚୁକ୍ତିଭିତ୍ତିକ ନିଯୁକ୍ତ ସୂଚନା

---

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟର ଏକ TATA-709 Truck ନିମନ୍ତେ ଚୁକ୍ତିଭିତ୍ତିକ ଖଲାସି ଓ TATA 407 Truck ଚାଳନା ନିମନ୍ତେ ଚୁକ୍ତିଭିତ୍ତିକ ଡ୍ରାଇଭର ଓ ଖଲାସି (ଉଭୟ ପୁରୁଷ) ନିଯୁକ୍ତି କରାଯିବ । ଏହି କାର୍ଯ୍ୟ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ନିୟମାବଳୀ ଅନୁସାରେ ଆବେଦନ କରିପାରିବେ ।

**ଆବେଦନ କରିବାର ଶେଷ ତାରିଖ:- ୧୦.୦୧.୨୦୨୨**

<u>ନିୟମାବଳୀ:-</u>

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ୍ ଅନୁସାରେ ଆବେଦନକାରୀ ହିନ୍ଦୁ ସମ୍ପ୍ରଦାୟ ହୋଇଥିବା ଆବଶ୍ୟକ । ଟ୍ରଷ୍ଟବୋର୍ଡରେ ନିଯୁକ୍ତ ଥିବା ସଦସ୍ୟ/କର୍ମଚାରୀଙ୍କର କୌଣସି ସଂପର୍କୀୟ ହୋଇନଥିବେ ।

୨- ଡ୍ରାଇଭର ପଦବୀ ପାଇଁ ଆବେଦନକାରୀଙ୍କର Heavy Goods Carriage Driving License ୫ ବର୍ଷ ପୂର୍ବରୁ ଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍ ହୋଇଥିବା ଆବଶ୍ୟକ ।

୩- ଖଲାସି ପଦବୀ ପାଇଁ ଆବେଦନକାରୀଙ୍କର LMV License ୨ ବର୍ଷ ପୂର୍ବରୁ ଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍ ହୋଇଥିବା ଆବଶ୍ୟକ ।

୪- ଡ୍ରାଇଭର ପଦବୀ ପାଇଁ ୫ ବର୍ଷର Driving Experience ଥିବା ଆବଶ୍ୟକ ।

୫- ତା.୧.୧.୨୦୨୧ରିଖ ସୁଦ୍ଧା ବୟସ ୨୧ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

୬- ମାସିକ ଦରମା ଡ୍ରାଇଭର ପଦବୀ ପାଇଁ ଟ.୭୦୦୦/- ଏବଂ ଖଲାସି ପଦବୀ ପାଇଁ ଟ.୫୦୦୦/- ।

୭- MVI ଙ୍କ ଦ୍ୱାରା ଚୟନ ପ୍ରକ୍ରିୟା କରାଯିବ ।

୮- ମା'ଙ୍କର ମାନସିକ ନଡିଆ ପରିବହନ କ୍ଷେତ୍ରରେ ସର୍ବଦା କାର୍ଯ୍ୟ କରିବେ ଏଣୁ ଆବେଦନକାରୀ କୌଣସି ମାଦକ ଦ୍ରବ୍ୟ ସେବନ କରୁନଥିବେ । ଆବଶ୍ୟକ ସ୍ଥଳେ ମନ୍ଦିରର ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବେ ।

୯ - ଆବେଦନକାରୀ ଚୟନ ହେଲେ ନିଯୁକ୍ତି ପୂର୍ବରୁ Police verification ସାର୍ଟିଫିକେଟ୍ ଓ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସତ୍ୟପାଠ କରି ଦାଖଲ କରିବେ ।

୧୦- ଟ୍ରଷ୍ଟବୋର୍ଡ ଚାହିଁଲେ ଏହି ନିଯୁକ୍ତି ଯେକୌଣସି ସମୟରେ ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

୧୧- ଆବେଦନ ପତ୍ର A4ସାଧା କାଗଜରେ ଲେଖି ଆବେଦନ କରିବେ । ଏଥି ସହିତ Driving License, ଜନ୍ମ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର , Vote ID ର ଜେରକ୍ସ କପି ଓ Aadhaar Cardର ଜେରକ୍ସ କପି ସଂଯୁକ୍ତ କରିବେ ।

୧୨- ଆବେଦନ ଫର୍ମର ନମୁନା:- କ) ଆବେଦନକାରୀଙ୍କ ନାମ ଖ) ସଂପୂର୍ଣ୍ଣ ଠିକଣା ଗ) ପିତାଙ୍କ ନାମ ଘ) ମୋବାଇଲ୍ ନଂ ଙ) Driving License ପ୍ରଦାନକାରୀଙ୍କ ନାମ ଓ ଠିକଣା ଚ) Experience Certificate ପ୍ରଦାନକାରୀଙ୍କ ନାମ ଓ ଠିକଣା ଛ) ଆବେଦନକାରୀଙ୍କ ସଂପୂର୍ଣ୍ଣ ସାକ୍ଷର ।

Smohapatra 7/12/2021
କାର୍ଯ୍ୟନିର୍ବାହୀ ଅଧିକାରୀ
ମା'ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

ଜ୍ଞାପକ ସଂଖ୍ୟା..................... ତା............................
ଏହାର ଏକକିତା ନକଲ ତହସିଲଦାର, ଘଟଗାଁ/ ବି.ଡି.ଓ., ଘଟଗାଁଙ୍କ ଅବଗତି ଓ ଏହି ନୋଟିସ୍ ତାଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ବିଜ୍ଞପ୍ତି ନିମନ୍ତେ ଅନୁରୋଧ କରାଯାଇ ପ୍ରେରଣ କରାଗଲା ଏବଂ ଏହାର ନକଲ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସ୍ୱା/-

କାର୍ଯ୍ୟନିର୍ବାହୀ ଅଧିକାରୀ
ମା'ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।